# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 16 May - 2026

*************************************

## ମୁଖ୍ୟ ସମ୍ବାଦ

- ୨୦୩୬ ମସିହା ସୁଦ୍ଧା ୧୦୦ ନିୟୁତ ଟନ୍ ଖଣିଜ ଉତ୍ତୋଳନ ପାଇଁ ଓଡ଼ିଶା ଖଣି ନିଗମ ଲକ୍ଷ୍ୟ ଧାର୍ଯ୍ୟ କରିଛି; କହିଲେ ମୁଖ୍ୟମନ୍ତ୍ରୀ
- ଦଳମତ ନିର୍ବିଶେଷରେ ଓଡ଼ିଶାର ବିକାଶ ବିଷୟରେ ଚିନ୍ତା କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ
- ଡେଙ୍ଗୁ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ଜାତୀୟ ଡେଙ୍ଗୁ ଦିବସ

ଏବଂ

- ଭୀମଭୋଇ ମେଡିକାଲ କଲେଜକୁ ଏକ ପୂର୍ଣ୍ଣାଙ୍ଗ ମହାବିଦ୍ୟାଳୟରେ ପରିଣତ କରିବେ ସରକାର

# ମୁଖ୍ୟମନ୍ତ୍ରୀ– ଖଣି ପ୍ରତିଷ୍ଠା ଦିବସ

ଓଡ଼ିଶା ଖଣି ନିଗମ ସର୍ବାଧିକ ୪୫ ନିୟୁତ ଟନ୍ ଖଣିଜ ଉତ୍ତୋଳନ କରି ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା କରିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆଜି ଓଡ଼ିଶା ଖଣି ନିଗମର ୭୧ତମ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱର ଲୋକସେବା ଭବନର କନ୍‌ଭେନସନ୍ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଓଡ଼ିଶା ଖଣି ନିଗମ ସର୍ବାଧିକ ୪୦ ନିୟୁତ ଟନ୍ ଲୁହାପଥର ଉତ୍ତୋଳନ କରି ରେକର୍ଡ କରିବା ସହ ୨ ନିୟୁତ ଟନ୍ କ୍ରୋମାଇଟ୍ ଓ ୩ ନିୟୁତ ଟନ୍ ବକ୍ସାଇଟ୍ ଉତ୍ତୋଳନ କରି ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ମାଇଲଖୁଣ୍ଟ ସ୍ଥାପନ କରିଛି।

**- V/O - Mohan Majhi**

ମୁଖ୍ୟମନ୍ତ୍ରୀ କହିଛନ୍ତି, 'ବିକଶିତ ଓଡ଼ିଶା ଓ ବିକଶିତ ଭାରତ' ଲକ୍ଷ୍ୟ ପୂରଣ ଦିଗରେ ଓଡ଼ିଶା ଖଣି ନିଗମ ପଦକ୍ଷେପ ନେଉଛି। ୨୦୩୬ ମସିହା ସୁଦ୍ଧା ଓଡ଼ିଶା ଖଣି ନିଗମ ୧୦୦ ନିୟୁତ ଟନ୍ ଖଣିଜ ଉତ୍ତୋଳନ ନିମନ୍ତେ ଲକ୍ଷ୍ୟ ରଖିଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେତେକ ପ୍ରକଳ୍ପର ଶୁଭାରମ୍ଭ ଓ ଲୋକାର୍ପଣ କରିଛନ୍ତି। କାଳିଆପାଣିସ୍ଥିତ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟର ନୂତନ ଗୃହ ଲୋକାର୍ପଣ କରିବା ସହ ମୁଖ୍ୟମନ୍ତ୍ରୀ' ବେସିକ୍ ଲାଇଫ୍ ସପୋର୍ଟ ଆମ୍ବୁଲାନ୍ସ ସେବା, ସମନ୍ୱିତ ପରିଚାଳନା ଓ ଅନୁଧ୍ୟାନ କେନ୍ଦ୍ର ଏବଂ ଅନଲାଇନ୍ ସ୍ୱାସ୍ଥ୍ୟ ପରିଚାଳନା

ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରେଷ୍ଠ ପ୍ରଦର୍ଶନକାରୀ ଖଣି ଓ ବିଭାଗକୁ ସମ୍ବର୍ଦ୍ଧିତ କରିଛନ୍ତି।

Puri/BHK/Nayagarh/Subarnpur/Desk

## ସାବିତ୍ରୀ ବ୍ରତ

ଜ୍ୟେଷ୍ଠ ମାସ ଅମାବାସ୍ୟ ତିଥିରେ ଆଜି ରାଜ୍ୟରେ ସାବିତ୍ରୀ ବ୍ରତ ପାଳନ କରାଯାଉଛି । ଆଜିର ଦିନରେ ସଧବା ନାରୀମାନେ ସ୍ୱାମୀଙ୍କ ଦୀର୍ଘଜୀବନ ଓ ମଙ୍ଗଳ କାମନା କରି ବ୍ରତ ରଖିଛନ୍ତି। ବିବାହିତା ନାରୀମାନେ ଦେବୀ ସାବିତ୍ରୀଙ୍କୁ ପୂଜାର୍ଚ୍ଚନା କରୁଥିବାବେଳେ ବ୍ରତଚାରିଣୀମାନେ ବଟବୃକ୍ଷ ମୂଳେ ସତ୍ୟବାନଙ୍କୁ ପୂଜା କରୁଛନ୍ତି। ପୌରାଣିକ ତଥ୍ୟ ଅନୁସାରେ ସାବିତ୍ରୀ ପତିବ୍ରତା ଧର୍ମ ପାଳନ କରି ନିଜ ସ୍ୱାମୀ ସତ୍ୟବାନଙ୍କ ଜୀବନ ଯମରାଜଙ୍କଠାରୁ ଫେରାଇ ଆଣିଥିଲେ। ସାବିତ୍ରୀ ଅମାବାସ୍ୟା ପାଇଁ ଶ୍ରୀମନ୍ଦିରରେ ଆଜି ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେଉଛି। ଅନ୍ୟପକ୍ଷରେ ଅମାବାସ୍ୟା ତିଥିରେ ଭିତର ଚନ୍ଦନ ଯାତ୍ରା ଅବସରରେ ଆଜି ଜଳକ୍ରୀଡ଼ା ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଶୁଭେଚ୍ଛା ଜଣାଇ ମହାପ୍ରଭୁଙ୍କ କୃପାରୁ ପ୍ରତ୍ୟେକ ପରିବାର ସୁଖ, ଶାନ୍ତି ଓ ସମୃଦ୍ଧିରେ ପରିପୂର୍ଣ୍ଣ ହେଉ ବୋଲି କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସାବିତ୍ରୀ ପର୍ବ ଅବସରରେ ମା' ସାବିତ୍ରୀଙ୍କ ତ୍ୟାଗ, ଧୌର୍ଯ୍ୟ, ବୁଦ୍ଧିମତା ଓ ଅଦମ୍ୟ ସାହସ ପ୍ରତ୍ୟେକ ମହିଳାଙ୍କ ଜୀବନକୁ ଆଲୋକିତ କରୁ ବୋଲି କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ଅବସରରେ ମହିଳାମାନଙ୍କ ସୁଖ ସମୃଦ୍ଧି କାମନା କରିଛନ୍ତି।

ସାବିତ୍ରୀ ବ୍ରତ ଉପଲକ୍ଷେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଅନନ୍ୟ ପର୍ବ ହେଉଛି ସାବିତ୍ରୀ ପର୍ବ।

ରାଜ୍ୟର ବିଭିନ୍ନ ସ୍ଥାନରେ ସାବିତ୍ରୀ ଓଷା ପାଳନ କରାଯାଉଛି।

ମହିଳାମାନେ ବିଭିନ୍ନ ପ୍ରକାର ପୂଜା ସାମଗ୍ରୀ ସହ ମନ୍ଦିରଗୁଡ଼ିକରେ ପୂଜାର୍ଚ୍ଚନା କରିଛନ୍ତି।

Puri

## ଧର୍ମେନ୍ଦ୍ର ପ୍ରଧାନ– ପୁସ୍ତକ ଲୋକାର୍ପଣ

ଆଗାମୀ ୧୦ ବର୍ଷ ମଧ୍ୟରେ ଦଳମତ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ଓଡ଼ିଶାର ବିକାଶ ବିଷୟରେ ଚିନ୍ତା କରିବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ ଦେଇଛନ୍ତି। ଦୁଇଦିନିଆ ପୁରୀ ଗସ୍ତର ଆଜି ଶେଷ ଦିନରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ 'କବିତା କୁସୁମାଞ୍ଜଳି' ପୁସ୍ତକ ଲୋକାର୍ପଣ ଉତ୍ସବରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ୨୦୨୬ ବର୍ଷ ପ୍ରତିଟି ଓଡ଼ିଆମାନଙ୍କ ପାଇଁ ଚିନ୍ତାଶିଳ ବର୍ଷ ଭାବେ ପରିଗଣିତ ହେବା ଆବଶ୍ୟକ। ସେ କହିଛନ୍ତି,....

**- V/O - Dharmendra Pradhan**

# ଡେଙ୍ଗୁ ଦିବସ

ଡେଙ୍ଗୁ ରୋଗର କାରଣ ଏବଂ ନିରାକରଣ ସଂପର୍କରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆଜି ଜାତୀୟ ଡେଙ୍ଗୁ ଦିବସ ପାଳନ କରାଯାଉଛି । ପରିବେଶକୁ ପରିଷ୍କାର ରଖିବା ଏବଂ ନିୟମିତା ମଶାରୀ ବ୍ୟବହାର କରିବା ଦ୍ୱାରା ଏହି ମଶା ବାହିତ ଭୂତାଣୁ ଜନିତ ରୋଗକୁ ପ୍ରତିହତ କରାଯାଇ ପାରିବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଡେଙ୍ଗୁରୋଗର ପରୀକ୍ଷା ଏବଂ ଚିକିତ୍ସା ସଂପୂର୍ଣ୍ଣ ମାଗଣାରେ କରାଯାଉଛି । ଏହି ଦିବସ ପାଳନ ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି । ଚଳିତ ବର୍ଷ ଡେଙ୍ଗୁ ଦିବସର ବାର୍ତ୍ତା ରହିଛି ‘ଏକାଠି ହୋଇ କାମ କରିବା, ଡେଙ୍ଗୁ ଦୂର କରିବା’ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା ଏହି ଦିବସ ଅବସରରେ ନାଗରିକଙ୍କୁ ରୋଗ ସଂପର୍କରେ ସଚେତନ ହେବା ସହ ପରିଷ୍କାର ଓ ସୁରକ୍ଷିତ ପରିବେଶ ବଜାୟ ରଖିବାକୁ ଆହ୍ୱାନ ଦେଇଛନ୍ତି ।

ଜାତୀୟ ଡେଙ୍ଗୁ ଦିବସରେ ସଚେତନତା ସୃଷ୍ଟି କରିବା ଲାଗି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଆହ୍ୱାନ ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ଡକ୍ଟର ମହାଲିଙ୍ଗ କହିଛନ୍ତି, ସଚେତନତା ହିଁ ସୁସ୍ଥ ସମାଜ ଗଠନର ମୂଳମନ୍ତ୍ର। ଡେଙ୍ଗୁ ରୋଗ କାରଣ ଏବଂ ନିରାକରଣ ସମ୍ପର୍କରେ

ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ଡେଙ୍ଗୁମୁକ୍ତ ସମାଜ ଗଠନ ଦିଗରେ ପଦକ୍ଷେପ ନେବା ପାଇଁ ସେ କହିଛନ୍ତି।

Balangir

## ସ୍ୱାସ୍ଥ୍ୟମନ୍ତ୍ରୀ– ମେଡିକାଲ କଲେଜ

ଭୀମଭୋଇ ମେଡିକାଲ କଲେଜକୁ ଏକ ପୂର୍ଣ୍ଣାଙ୍ଗ ମହାବିଦ୍ୟାଳୟରେ ପରିଣତ କରାଯିବ ବୋଲି ସ୍ୱାସ୍ଥ୍ୟ  ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମନ୍ତ୍ରୀ ଡକ୍ଟର ମହାଲିଙ୍ଗ ଏହି ମେଡିକାଲ କଲେଜର ବହୁବିଧ ଉନ୍ନତି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଥିବା କହିଛନ୍ତି। ନିକଟ ଭବିଷ୍ୟତରେ ହସ୍ପିଟାଲରେ ଆବଶ୍ୟକ ଥିବା ବିଭିନ୍ନ ପଦପଦବୀ ପୂରଣ କରାଯିବାକୁ ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ ଡକ୍ଟର ମହାଲିଙ୍ଗ କହିଛନ୍ତି।

HS

## ଆଇଓସିଏଲ୍– ତେଲ ମହଜୁଦ

ରାଜ୍ୟରେ ଯଥେଷ୍ଟ ପରିମାଣର ତୈଳ ମହଜୁଦ ଅଛି ବୋଲି ଭାରତୀୟ ତୈଳ ନିଗମ ଲିମିଟେଡ୍ ଆଇ.ଓ.ସି.ଏଲ୍ ସ୍ପଷ୍ଟ କରିଛି। ଲୋକମାନେ ଭୟଭୀତ ନ ହୋଇ ଆବଶ୍ୟକତା ମୁତାବକ ତେଲ କିଣନ୍ତୁ ବୋଲି ଆଇ.ଓ.ସି.ଏଲ୍ ପକ୍ଷରୁ କୁହାଯାଇଛି। ରାଜ୍ୟର କେତେକ ପେଟ୍ରୋଲ ପମ୍ପରେ ତେଲ ପାଇଁ ଲମ୍ବାଧାଡ଼ି ଲାଗୁଥିବାରୁ ଆଇ.ଓ.ସି.ଏଲ୍.

ଲୋକମାନଙ୍କୁ ତେଲ ଅଭାବ ଭଳି ଗୁଜବରେ ବିଶ୍ୱାସ ନ କରିବାକୁ ପରାମର୍ଶ ଦେଇଛି ।

Desk

# ସିବିଏସ୍ଇ ପୋଷ୍ଟ ରେଜଲ୍ଟ ଫାସିଲିଟିଜ

ଦ୍ୱାଦଶଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ପରୀକ୍ଷା ଫଳ ଘୋଷଣା ପରବର୍ତ୍ତୀ ବ୍ୟବସ୍ଥା ସମ୍ପର୍କିତ ଏକ ବିଜ୍ଞପ୍ତି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ସିବିଏସ୍ଇ ପକ୍ଷରୁ ଜାରି କରାଯାଇଛି । ପରୀକ୍ଷାଫଳ ସଂପର୍କରେ ଇଚ୍ଛୁକ ଛାତ୍ରଛାତ୍ରୀଙ୍କ ପାଇଁ ଦୁଇସ୍ତରୀୟ ସମୀକ୍ଷା ବ୍ୟବସ୍ଥାର ସୁବିଧା ରହିଛି । ପ୍ରଥମ ପର୍ଯ୍ୟାୟରେ ଛାତ୍ରଛାତ୍ରୀ ମୂଲ୍ୟାଙ୍କିତ ଉତ୍ତର ପୁସ୍ତିକାର ସ୍କାନ୍ କପି ପାଇଁ ଅନ୍‌ଲାଇନ୍ ଆବେଦନ କରିପାରିବେ । ଡାଉନ୍‌ଲୋଡ ମାଧ୍ୟମରେ ଏହାକୁ ସମୀକ୍ଷା କରିବାର ସୁବିଧା ରହିଛି । ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରଛାତ୍ରୀ ମାର୍କିଂ ନିୟମାବଳୀ ଆଧାରରେ ନିର୍ଦ୍ଦିଷ୍ଟ ଉତ୍ତରର ପୁନଃ ମୂଲ୍ୟାୟନ ପାଇଁ ଅନୁରୋଧ କରିପାରିବେ । ସ୍କାନ୍ କପି ପାଇଁ ଆସନ୍ତା ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ ଆବେଦନ କରାଯାଇପାରିବ ଏବଂ ପ୍ରତି ବିଷୟ ପାଇଁ ଦେୟ ବାବଦରେ ୭୦୦ ଟଙ୍କା ଅନ୍‌ଲାଇନ୍ ଦାଖଲ କରିବାକୁ ପଡିବ । ମୂଲ୍ୟାଙ୍କିତ ପରୀକ୍ଷା ପୁସ୍ତିକା ଯାଞ୍ଚ ଏବଂ ପୁନଃ ମୂଲ୍ୟାୟନ ପାଇଁ ଆବେଦନ କରିବାକୁ ଆସନ୍ତା ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ ହୋଇଛି ।

Nabarangpur

## ରେଳ ପ୍ରକଳ୍ପ

ନବରଙ୍ଗପୁର-ଜୟପୁର ରେଳ ପ୍ରକଳ୍ପ ପାଇଁ ଜମିଅଧିଗ୍ରହଣ ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି । ରେଳବାଇ ପକ୍ଷରୁ ଜମି ଅଧିଗ୍ରହଣ ଶେଷହୋଇଥିବା ଅଞ୍ଚଳରେ ଟ୍ରାକ୍ ବିଛାଇବା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଆମ୍ବାଗୁଡ଼ା ରୋଡରୁ ନବରଙ୍ଗପୁର ପର୍ଯ୍ୟନ୍ତ ମାଟିକାମ ଓ ଟ୍ରାକ୍ ବିଛାଇବା ପାଇଁ ଖୁବ୍‌ଶୀଘ୍ର ଆବଶ୍ୟକୀୟ ଉପକରଣ ନିମନ୍ତେ ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ ହେବ ବୋଲି ଜଣାପଡ଼ିଛି । ଅନ୍ୟପକ୍ଷରେ ଇନ୍ଦିରାବତୀ ନଦୀ ଉପରେ ୩୫ କୋଟି ଟଙ୍କା ବ୍ୟୟବରାଦରେ ସେତୁ ନିର୍ମାଣ କାର୍ଯ୍ୟ ଜାରି ରହିଛି ।

Ganjam

## ମାନବଚାଲାଣ କର୍ମଶାଳା

ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ସମ୍ମିଳନୀ କକ୍ଷରେ ସବ୍‌ଡିଭିଜନସ୍ତରୀୟ ବନ୍ଧକ ଶ୍ରମିକ ଓ ମାନବଚାଲାଣ ସମ୍ପର୍କିତ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀମାନେ ମାନବ ଚାଲାଣ ଓ ବନ୍ଧକ ଶ୍ରମିକ ଆଇନର କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ ।

Gajapati

## ପରାମର୍ଶ ଶିବିର

ଗଜପତି ଜିଲ୍ଲାରେ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ମାତୃପିତୃହୀନ ଶିଶୁମାନଙ୍କ ନିମନ୍ତେ ବୈଷୟିକ ଶିକ୍ଷା, ଦକ୍ଷତା ବୃଦ୍ଧି ଏବଂ ଭବିଷ୍ୟତ ଗଠନ ପାଇଁ ଦିନିକିଆ ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ

କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି ସହ ମାର୍ଗଦର୍ଶନ ଦେଇଥିଲେ।

## ଭୋଟର ତାଲିକା-ପ୍ରସ୍ତୁତି ବୈଠକ

କଳାହାଣ୍ଡି ଜିଲ୍ଲାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ସ୍ୱଚ୍ଛ ଓ ସଫଳ ପରିଚାଳନା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ପାଓ୍ୱାର ସଚିନ୍ ପ୍ରକାଶଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ବୁଥ୍ ସ୍ତରୀୟ ଅଧିକାରୀ, ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଓ ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ଭୂମିକା ଓ ଦାୟିତ୍ୱ ସଂପର୍କରେ ଆଲୋଚନା କରାଯାଇଛି ।

HS

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗମନ ପାଇଁ ସ୍ଥିତି ଅନୁକୂଳ ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ସର୍ବାଧିକ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବା ବେଳେ ବଲାଙ୍ଗୀର ଜିଲ୍ଲାର ତୁରେଇକେଲାରେ ସର୍ବାଧିକ ୧୧

ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆଗାମୀ ୨୪ ଘଣ୍ଟା ପାଇଁ କାଳବୈଶାଖୀ, ବର୍ଷା, ବଜ୍ରପାତ ନେଇ ୧୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।